ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/Labour & ESI (OD)/ 488/22-08-2025

# ଶିଶୁ ଶ୍ରମିକ ସମ୍ପର୍କିତ ଡଃ ସଂଯୁକ୍ତା ମହାରଣାଙ୍କ ପୁସ୍ତକ ଉନ୍ମୋଚିତ

## ସାମାଜିକ ସମସ୍ୟା ଆଧାରିତ ବାସ୍ତବଧର୍ମୀ ପୁସ୍ତକ ରଚନା ଜରୁରୀ

- ଦାଶ ବେନହୁର

ଭୁବନେଶ୍ୱର, ୨୨/୦୮/୨୦୨୫

କଳ୍ପନାପ୍ରସୂତ ସାହିତ୍ୟଠାରୁ ବାସ୍ତବଧର୍ମୀ ସାହିତ୍ୟ ଅଧିକ ପ୍ରଭାବୀ, ଗ୍ରହଣୀୟ ଏବଂ ଜନାଦୃତ । ଏହା ସହଜରେ ଲୋକଙ୍କ ହୃଦୟକୁ ସ୍ପର୍ଶ କରିଥାଏ । ସମାଜର ବିଭିନ୍ନ ଜ୍ୱଳନ୍ତ ସମସ୍ୟା ସାହିତ୍ୟରେ ସ୍ଥାନ ପାଇବା ଆବଶ୍ୟକ । ଏଭଳି ସାହିତ୍ୟ କଠିନ ହୃଦୟକୁ ବି ତରଳାଇ ଦେଇପାରେ ଏବଂ ମନୁଷ୍ୟକୁ ସଠିକ୍ ମାର୍ଗ ଦେଖାଇବାରେ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ବିଶିଷ୍ଟ ସାହିତ୍ୟିକ ତଥା ସମାଜ ସୁଧାରକ ଶ୍ରୀ ଦାଶ ବେନହୁର ମତବ୍ୟକ୍ତ କରିଛନ୍ତି ।

ଡଃ ସଂଯୁକ୍ତା ମହାରଣାଙ୍କ ଲିଖିତ Abolishing Child Labour and Pro-active Government Initiatives (ଶିଶୁ ଶ୍ରମିକ ବିଲୋପ ଏବଂ ସକ୍ରିୟ ସରକାରୀ ପଦକ୍ଷେପ)ର ପାଠକାର୍ପଣ ଉତ୍ସବ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ଏହି ପୁସ୍ତକକୁ ଲୋକାର୍ପଣ କରି ଶ୍ରୀ ବେନହୁର କହିଲେ ଯେ ବିଶ୍ୱବ୍ୟାପୀ ବିଶେଷକରି ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଶିଶୁ ଶ୍ରମିକ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଚ୍ୟାଲେଞ୍ଜ ମଧ୍ୟରୁ ଅନ୍ୟତମ । ଶିଶୁମାନଙ୍କୁ କାମରେ ନିୟୋଜିତ କଲେ ଏହା ସେମାନଙ୍କୁ ଶୈଶବ, ଶିକ୍ଷା ଓ ମର୍ଯ୍ୟାଦାରୁ ବଞ୍ଚିତ କରେ ଏବଂ ସେମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ କ୍ଷତିକାରକ ହୋଇଥାଏ । ଆଇନଗତ ପଦକ୍ଷେପ ଏବଂ ଅନ୍ତର୍ଜାତୀୟ ଚୁକ୍ତିନାମା ସତ୍ତ୍ୱେ ଲକ୍ଷ ଲକ୍ଷ ପିଲା ବିପଦପୂର୍ଣ୍ଣ ଶିଳ୍ପ, କୃଷି, ଘରୋଇ ଶ୍ରମିକ ଏବଂ ଅନୌପଚାରିକ କ୍ଷେତ୍ରରେ କାମ କରି ଆସୁଛନ୍ତି । ଶିଶୁ ଶ୍ରମିକ ନିରୂପଣ ଓ ବିଲୋପ କେବଳ ଏକ ନୈତିକ ବାଧ୍ୟବାଧକତା ନୁହେଁ ବରଂ ଏକ ପ୍ରଗତିଶୀଳ ଏବଂ ବୈଷମ୍ୟଶୂନ୍ୟ ସମାଜ ଗଠନ ପାଇଁ ସାମାଜିକ ଓ ଆର୍ଥିକ ଆବଶ୍ୟକତା । ଶିଶୁ ଶ୍ରମିକଙ୍କ ବାସ୍ତବ ସମସ୍ୟାବଳି ଓ ସେଗୁଡ଼ିକର ସମାଧାନ ସମ୍ବଳିତ ଗବେଷଣାତ୍ମକ ପୁସ୍ତକ ବାସ୍ତବ ସାହିତ୍ୟ ସାଧନାର ଅନ୍ତର୍ଭୁକ୍ତ । ଶିଶୁ ଶ୍ରମିକ ଉଚ୍ଛେଦ ଦିଗରେ ସମାଜର ସମସ୍ତେ ସଂକଳ୍ପବଦ୍ଧ ଉଦ୍ୟମ କରିବା ଜରୁରୀ ବୋଲି ଶ୍ରୀ ଦାଶ ବେନହୁର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ।

ଶ୍ରମ ଆୟୁକ୍ତ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ ବିଶିଷ୍ଟ ଅତିଥି ରୂପେ ଯୋଗଦେଇ କହିଲେ ଯେ ଶିଶୁ ଶ୍ରମିକ ବିଲୋପ ନିମନ୍ତେ ସରକାର ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି । କିନ୍ତୁ ଏହା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ ବରଂ ସମାଜର ଏକ ସାମୂହିକ କର୍ତ୍ତବ୍ୟ । ଏହି ସଂଗ୍ରାମକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାକୁ ହେବ । ସକ୍ରିୟ ନୀତି, କଠୋର ପ୍ରବର୍ତ୍ତନ, ସାମାଜିକ ସଚେତନତା ଏବଂ ପରିବାରର ସଶକ୍ତିକରଣ ଏହି ସଂଗ୍ରାମର ମୂଳଦୁଆ । ପ୍ରତ୍ୟେକ ଶିଶୁ କାରଖାନା ଏବଂ ବିଭିନ୍ନ କ୍ଷେତ୍ରରେ ପରିଶ୍ରମ କରିବା ପରିବର୍ତ୍ତେ ଖେଳିବା, ପାଠପଢ଼ିବା, ଶିଖିବା ଏବଂ ସ୍ୱପ୍ନ ଦେଖିବାର ଅଧିକାର ପାଇବାକୁ ଯୋଗ୍ୟ । ଶିଶୁ ଶ୍ରମିକ ବିଲୋପ କରି ଆମେ ଏକ ଅଧିକ ନ୍ୟାୟପୂର୍ଣ୍ଣ, ମାନବିକ ଏବଂ ସମୃଦ୍ଧ ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ କରିପାରିବା ବୋଲି ଶ୍ରୀ ତ୍ରିପାଠୀ ମତବ୍ୟକ୍ତ କରିଥିଲେ ।

ପୂର୍ବତନ ଯୁଗ୍ମ ଶ୍ରମ ଆୟୁକ୍ତ ଶ୍ରୀ ପ୍ରଦୀପ ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ଡଃ ମହାରଣାଙ୍କ ପୁସ୍ତକଟି ଗବେଷଣାପ୍ରସୂତ ଓ ପ୍ରଶଂସନୀୟ ବୋଲି କହିଥିଲେ । ଏସ୍‌ସିଏସ୍‌ଟିଆର୍‌ଟିଆଇର ସହ ନିର୍ଦ୍ଦେଶକ ଶ୍ରୀ ସମରେନ୍ଦ୍ର ଭୁତିଆ ପୁସ୍ତକଟିର ସମୀକ୍ଷା କରିଥିଲେ । ଡଃ ମହାରଣାଙ୍କ ଗବେଷଣାର ବିଭିନ୍ନ ତାତ୍ତ୍ୱିକ ଦିଗ ସମ୍ପର୍କରେ ଆଲୋକପାତପୂର୍ବକ ଏହି ଗବେଷଣାର ବାସ୍ତବତା ଆମର ଶ୍ରମନୀତିକୁ ଅଧିକ କ୍ରିୟାଶୀଳ କରିପାରିବ ବୋଲି ସେ କହିଥିଲେ ।

ଲେଖିକା ଡଃ ସଂଯୁକ୍ତା ମହାରଣା ନିଜ ବକ୍ତବ୍ୟରେ ଏହି ପୁସ୍ତକ ଲେଖିବାର ପଛରେ ଥିବା ପ୍ରେରଣା ଓ ଅନୁଭବକୁ ଉପସ୍ଥାପନ କରିଥିଲେ । ପୁସ୍ତକଟିକୁ ନିଜ ପିତାମାତାଙ୍କୁ ସମର୍ପଣ କରିବା ସହ ତାଙ୍କ ଗବେଷଣା କ୍ଷେତ୍ରରେ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ପ୍ରତି ସେ କୃତଜ୍ଞତା ଜ୍ଞାପନ କରିଥିଲେ । ବିଶେଷତଃ ସେ ତାଙ୍କ ପ୍ରଫେସର ଡଃ ରତ୍ନାବଳୀଙ୍କ ମାର୍ଗଦର୍ଶନ ଓ ପ୍ରେରଣା ପ୍ରତି ଅଶେଷ କୃତଜ୍ଞତା ଜଣାଇଥିଲେ ।

ଏହି ପାଠକାର୍ପଣ କାର୍ଯ୍ୟକ୍ରମକୁ ସ୍ତମ୍ଭକାର ତଥା ସାହିତ୍ୟିକ ଡଃ ଦ୍ୟୀତିଚନ୍ଦ୍ର ସାହୁ ସଂଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜନଜାତି ଗବେଷକ ଡଃ ପରମାନନ୍ଦ ପଟେଲ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ ଓ ଓଡ଼ିଶା ଖଣି ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଲତ ଆଫରିନ ପ୍ରମୁଖ ଉପସ୍ଥିତ ଥିଲେ ।

ଶିଶୁଶ୍ରମ ନିବାରଣ ଓ ଶିଶୁ ଅଧିକାର ସୁରକ୍ଷା କ୍ଷେତ୍ରରେ ନୀତି ନିର୍ଦ୍ଧାରକ, ପ୍ରଶାସକ, ସମାଜସେବୀ ଓ ଅଗଣିତ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଏହି ପୁସ୍ତକଟି ମାର୍ଗଦର୍ଶକ ହେବ ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ